# କୁମ୍ଭୀର ଦୈତ୍ୟ ବଧ

ଯେମନ୍ତରେ ବିମ୍ବର ଦ୍ୱାରେ ବୀର ବିଚାରନ୍ତି ବସି
କଇବ୍ରତ ନାବ ଘେନି ମିଳିଲାକ ଆସି ।୧ ।
ତାହାକୁ ଦେଖି ବୀରେ ବିମ୍ବରେ ହୋଇଲେ ଗୁପତ
ସ୍ୱାମୀ ରହ ରହ ବୋଲି ଡାକ ଦିଅଇ କଇବ୍ରତ ।୨ ।
ବିଦୁର ମହାତମା ମୋତେ ଅନେକ ଧନରତ୍ନ ଦିଲେ
ନବୂ ବରଷ ଜଗିଲି ମୁହିଂ ରାତ୍ରେ ନିଦ୍ରା ନାହିଂ ଭଲେ ।୩ ।
ବିଦୁରଙ୍କ ବଚନ ଯେ ଶୁଣି ଅଛନ୍ତି ଯୁଗତେ
ବିମ୍ବରୁ ବାହାର ହୋଇଲେ ପଞ୍ଚୁ ଭ୍ରାଥେ ।୪ ।
କଇବ୍ରତ ବଚନ ଶୁଣି ସେ ହୋଇଲେ ହରଷ
ତାହାକୁ ଦେଖିଣ ପାମ୍ଡବେ ପରମ ସନ୍ତୋଷ ।୫ ।
ନାବରେ ବସ ସ୍ୱାମୀ ଦେବି ପାରିଆଇ
ତର ପଡିଲାନି ଯେଥେ ଆତଯାତ ନାହିଂ ।୬ ।
ପ୍ରଥମ ନାବରେ ବସିଲେ ଦେବୀ କୋନ୍ତେ
ଯୁଝେଷ୍ଠି ଦୁଜେଣ ତୃତୀୟେ ବୀର ପାଥେ ।୭ ।
ଚତୁର୍ଥେମ ବସିଲେ ଯେ ନକୁଳ ସହଦେବ
ପଛେ ଭୀମସେନ ଉଠି ବସିଲାକ ନାବ ।୮ ।
ଭୀମସେନର ଭାରା ନାବ ନ ସହିଲା
ଭଡ ଭଡ ହୋଇଣ ନାବ ଗୋଟି ବୁଡିଗଲା ।୯ ।
ଧାଡିକାରେ ନାବୁଂ ଡେଇଂ ପଡିଲା ବ୍ରିକୋଦର
ତୋଳିଣ ନାବ ଗୋଟି ସେ ଧଇଲା ବାମ କର ।୧୦ ।
ପାଣି ନିଗାଡିଣ ଯେ ବସିଲା ପୁଣ ନାବେ
ଭୀମସେନ ବସିବାକୁ ନାବ ନ ସହି ସ୍ୱଭାବେ ।୧୧ ।
କରପତ୍ର ଯୋଡିଣ ବୋଲଇ କଣ୍ଡେୟାର
ଭୀମସେନ ଠାକୁର ବସନ୍ତୁ ନାବ ବଡ ମଙ୍ଗର ।୧୨ ।
ଛୟେ ହୋଇ ବସିବା ଆମ୍ଭେ ସାନ ମଙ୍ଗ କତି
ପୁତ୍ରନ୍ତ ଘେନି ସାନ ମଙ୍ଗ ବସିଲେ ଦେବୀ କୋନ୍ତୀ ।୧୩ ।
ଯାଇଂଣ ଭୀମସେନ ନାବ ବଡ ମଙ୍ଗେଣ ଉଠି
ମହାଭାରାୟେ ନାବ ଗୋଟି ଯେ ପଡୁଛି ଲେଉଟି ।୧୪ ।
ପୁଣି ହିଂ ଭୀମସେନ ଡେଇଂ ପଡିଲା ତୁରିତେ
ନାବ ସମ୍ଭାଳି ଧଇଲାକ କରପତ୍ରେ ।୧୫ ।
କକଡା ମାସରେ ଯେ ମହା ବରଷାର କାଳ
ପୂରିଅଛି ନଦୀ ଯେ ନ ଦିଶଇ ବେନି କୂଳ ।୧୬ ।
ଅନେକ ତାଳ ଗଭୀର ନ ପାଇ ଯେ ଥଳ
ଭାଳଇ ଯେ ଯୁଝେଷ୍ଠି ଦେବ ମନେଣ ଗରୁ ବିକଳ ।୧୭ ।
ସହଦେବ ମୁଖ ଚାହିଂ ପଚାରନ୍ତି ଧର୍ମସୁତେ
ନାବ ନ ସହଇ ବାବୁ ପାରି ହୋଇବା କେମନ୍ତେ ।୧୮ ।
ସହଦେବ ବୋଇଲେ ଆଗ୍ୟାଂ ଦେବାକ ଭୀମସେନ ଠାକୁରଙ୍କୁ
ଗଦା ଦୁଇ ପକାନ୍ତୁ ଯେ ନଦୀର ଭିତରକୁ ।୧୯ ।
ପାଣିର ଭିତରେ ଥାଉ କି ନା ପଡି
ବାହୁଡାର ବେଳେ ଯେଥୁଂ ନେଇଂ ସିନା କାଢି ।୨୦ ।
ଯେକେ ହେଂ ବଳବନ୍ତା ଆବର ବେନି ଗଦା ହସ୍ତେ
ବାଉନ ବାଉନ ଭାର ବେନି ଗଦା ଜାଣି ବେନି ପର୍ବତେ ।୨୧ ।
ନାବ ମାତ୍ର ସିନା ଯେ କେମନ୍ତେ ସହିବ
ବ୍ରିକୋଦର ମୂରତି ଯେହାର ତ୍ରୈଲୋକେ ଅସମ୍ଭବ ।୨୨ ।

ସହଦେବର ବଚନେ ଯୁଝେଷ୍ଟଙ୍କର ଆଗ୍ୟାଂ ପ୍ରମାଣେ
ସୁରନଦୀ ଭିତରେ ଗଦା ଛାଡିଲେ ଭୀମସେନ ।୨୩ ।
ସାନ ମଙ୍ଗେ ପାଞ୍ଚେ ହେଂ ବ୍ରିକୋଦର ବଡ ମଙ୍ଗେ
ବସିଲେ ନାବରେ କଣ୍ଡେୟାର ବାହଇ ଅତି ବେଗେ ।୨୪ ।
ନଦୀରେ ନାବ ଜଳ ଚହଳ ରାବ ଶୁଣି
ଜଳପ୍ରଭା ବାହାର ହୋଇଲା କୃତାନ୍ତେକ ଜାଣି ।୨୫ ।
ପଞ୍ଚତିରିଶ ତାଳ ପରିଯନ୍ତ ପୂରିଅଛି ଜଳ
ତୁଣ୍ଡ ବିସ୍ତାର କୁମ୍ଭୀର ଜଳ କଲାକ ହାଣ୍ଡୋଳ ।୨୬ ।
ଦେ ଦେ ବୋଲିଣ ଡାକ ଦିଅଇ ଭୀଷ୍ମ ରୂପେ
ନାବ ହେଠ ବୁଡ ହେଉଅଛି ତାର ପରତାପେ ।୨୭ ।
ଯୁଝେଷ୍ଠି ପୁଛାକଲେ ହୋ ୟେ କଥା କେମନ୍ତ
କର ପତ୍ର ଯୋଡିଣ ଯେ କହଇ କଇବ୍ରତ ।୨୮ ।
ସ୍ୱାମୀର ଚାରି ଯୁଗ ହେଲାନି କୁମ୍ଭୀର ଅଛଇ ୟେହି ତୁଠେ
ଜଣେକ ବସାଣ ଅଛଇ ପଡଇ ଯଏ ଭେଟେ ।୨୯ ।
 ସ୍ୱାମୀ ନବ ବରଷ ହେଲାନି ପଡିଲା ୟେତୁ ତର
କ୍ଷୁଧାର୍ତ୍ତୀ ହୋଇ ଅଛଇ ୟେ ଜଳପ୍ରଭା ଅସୁର ।୩୦ ।
ଜଣେ ନ ପାଇଲେ ଜଳ ହାଣ୍ଡୋଳ କରିବ
ନାବ ବୁଡାଇ ସ୍ୱାମୀ ସମସ୍ତ ଭକ୍ଷିବ ।୩୧ ।
ଯୁଝେଷ୍ଠି ଦେବ ଚାହିଂଲେ ଭୀମସେନର ବଦନ
ବାବୁ ଦୁସହ କଷଣ ପଡିଲା ୟେହିକ୍ଷଣ ।୩୨ ।
ତୁ ମୋହୋର ସୋଦର ପଣ୍ଡିତ ଭିଗ୍ୟ ଦକ୍ଷ
ସଭିଂୟେ ମରିବା କି ବାବୁ ଜଣେକ ୟେଥୁଂ ବାଛ ।୩୩ ।
ବ୍ରିକୋଦର ବୋଇଲା ଦେବ ସହଦେବ ଅଟଇ ସାନ
କିଛି ହିଂ ନ କହଇ ବାଳୁତ ଅଗ୍ୟାନ ।୩୪ ।
ଚତୃଦଶ ଭୁବନର ବାରତା ଥାଇ ତାହାର ଗର୍ଭେ
ଜାଣି ନ କହଇ ୟେ ମୋଢା ପାପିଷ୍ଠ ସହଦେବେ ।୩୫ ।
ମୋହୋର ବିଚାରେ ସହଦେବକଇ ଦେବା
ଆମ୍ଭେ ପାଞ୍ଚେ ହେଂ ଚାଲ ପାରି ହୋଇ ଯିବା ।୩୬ ।
ଯୁଝେଷ୍ଠି ବୋଇଲେ ରେ ୟେ ମାତା ପିଅର ଅବସାନେ
ୟେ ପୁତ୍ର ଗୋଟିରେ ଉପୁଜିଲା ପଣ୍ଡର ଉଦଯାନେ ।୩୭ ।
ଦ୍ରିଯୋଧନ ପର ପୁତ୍ର ବୋଲି ଭାଗ ନ ଦେବା ଆମ୍ଭଙ୍କୁ
ରାଜ୍ୟକୁ କାରେଣି ଅଛଇଟି ୟେକ ସହଦେବକୁ ।୩୮
ଆବର ବିଶେଷେ ୟେ ଜାଣଇ ସମସ୍ତ
ଭୂତ ଭବିଷ ୟେ ଜାଣଇ ଗତ ଯେ ଆଗତ ।୩୯ ।
ୟେହା ପରା ବିଚକ୍ଷଣ ଭାଇକି ଦେବଇଂ କେମନ୍ତେ
ମନ୍ତ୍ରୀ ପଣେ ରାଜ୍ୟ ଭିଆଣେ ଅଟଇ ଶକତେ ।୪୦ ।
ଆନ ଜଣେକ ବାଛ ବାବୁ ସହଦେବକୁ ଛାଡି
ଭୀମସେନ ବୋଇଲା ଯେ କରପତ୍ର ଯୋଡି ।୪୧ ।
ସ୍ୱାମୀ ନକୁଳ ଯେ ଅଛଇ ଅତି ସୁକୁମାର
ଶତେ ପଳ ଚନ୍ଦନ ଲେପଇ ମାଛି ଗୋଟିଏ ବସିଲେ ଶୀର ।୪୨ ।

---

୪୦ ।୧ ମନ୍ତ୍ରୀ ଅଭାବେ ରାଜା ନୋହଇ ଯୁଗତେ । (ପା)
୩୭ ।୨ ଉଦଯାନେ – ମୃତ୍ୟୁପରେ

ହଂସୁଲୀ ତୁଳୀ ଉପରେ ଦେବ କପୂରର ଗୁଣ୍ଡି

ତହିଂ ପହୁଡି ଥିଲେ ଯେହାକୁ ନିଦ୍ରାନ ମାଡି ।୪୩ ।
ବନସ୍ତେ ଯେତକ ଦ୍ରବ୍ୟ ପାଇବା ଆମ୍ଭେ କାହିଂ
ଅବଶ୍ୟ ବନସ୍ତେ ମରିବ ଯେ ସୁଖ ଭୋଗ ବାଟ ଚାହିଂ ।୪୪ ।
ସ୍ୱାମୀ ମୋହୋର ଯେ ତୁମ୍ଭେ ବଚନେକ କରିବା
ନକୁଳକୁ ଦେଇ ଚାଲ ପାରି ହୋଇ ଯିବା ।୪୫ ।
ଯୁଝେଷ୍ଠି ବିସରିଲେ ଭୀମସେନର ବଚନେ
ବାବୁ ସାବତ ମାତାର ପୁତ୍ର ଗୋଟି ମୁ ଦେବଇଂ କେସନେ ।୪୬ ।
ଆକାଶରେ ପାଟ ବାବୁ ଅଛଇ ଯାହାକୁ
ମୁଇଂ କେମନ୍ତେ ରେ ନାଶ କରିବି ତାହାକୁ ।୪୭ ।
ଆନ ଜଣକ ହୋ ବିଚାରି ଧର ନାମ
କରପତ୍ର ଯୋଡିଣ ବୋଳଇ ଭୀମସେନ ।୪୮ ।
ସ୍ୱାମୀ ବଡଇ ପାପିଷ୍ଠ ମୋଢା ଅଟଇ ଫାଲଗୁନ
ଶରଣ ପଶିଲା ଶତ୍ରୁକୁ ଯେ ନ ମାରଇ ଶସ୍ତ୍ର ଘେନି ।୪୯ ।
ଅବଶ୍ୟ ଦ୍ରିଯୋଧନର ତୁଲେ ଆମ୍ଭର ସାଂଗ୍ରାମ ହୋଇବ
ବିରଥୀ ବିଶସ୍ତ୍ର ହୋଇଲେ ଯେ ଶତ୍ରୁକୁ ଛାଡି ଦେବ ।୫୦ ।
ଯେହାଉଂ ପାପିଷ୍ଠ ଦେବ ନାହିଂ ଆନ ଜଣେ
ଶତ୍ରୁକୁ ପାଳଇ ଯେ ସୋଦ୍ରିମା ବନ୍ଧୁ ପଣେ ।୫୧ ।
ଛତ୍ରୀ ହୋଇ ଦେବ ଦୟାବନ୍ତ ହୋଇଲେ
ରାଜ୍ୟ ପ୍ରାପତ ହୋଇ କି ଯେତେମନ୍ଦ ଲୋକ ଥିଲେ ।୫୨ ।
ସାଂଗ୍ରାମ ବେଳକୁ ଦେବା ଯେ କଳଙ୍କ ନ ଥାଉ
ଅର୍ଜୁନକୁ ଦେବା ଯେ କୁମ୍ଭିରୀ ଦତ୍ୟ ଖାଉ ।୫୩ ।
ଯୁଝେଷ୍ଠି କୋଳ ଧରି ଧଇଲେ ଅର୍ଜ୍ଜୁନକୁ
ଜାନୁରେ ବସାଇ ନାରାୟଣ କୃଷ୍ଣ ନାମ ଦିଲେଟି ଯେହାକୁ ।୫୪ ।

------------------------------

୪୩ { ହୁଂସୁଲୀ ତୁଳୀ ଖଟରେ କର୍ପୂରର ଗୁଣ୍ଡି
{ ତଦ୍ୟାପି ତାହାକଇ ଦେବ ନିଦ୍ରା ଯେ ନ ମାଡି । (ପା)
୪୯ ।୨ ଶୂନ୍ୟ ହସ୍ତ ଲୋକକୁ ନ ମାରଇ ଶସ୍ତ୍ର ଘେନି । (ପା)

ଯାହାର ପିଅର ବାବୁରେ ଅଟଇ ମଘବା
ଅମରାଧି ନାଥ ଅଛଇ ସ୍ୱର୍ଗପୁର ଦେବା ।୫୫ ।
ଯଦ୍ୟପି ଅର୍ଜ୍ଜୁନକୁ ଦେବା ଆମ୍ଭେ ଯେଥେ
ବାସବ ବାସୁଦେବ କୋପୁଂ ବ୍ରତିବା କେମନ୍ତେ ।୫୬ ।
ବିଦ୍ୟା ଶିଖାଇବା ବେଳେ ମୋତେ ଦ୍ରୋଣ ଗୁରୁ ବୋଇଲେ
ତ୍ରୈଲୋକ୍ୟ ଜିଣିମାକୁ ଅର୍ଜ୍ଜୁନ ଅଟଇ ଭଲେ ।୫୭ ।
ଭଲ କରି ଯେହାକୁ ପାଳିଥାଅ ଯତନେ
ଯେହାରେ ସେ ରାଜ୍ୟ ପାଇବୁଟି ବିଦ୍ୟାମାନେ ।୫୮ ।
ବାବୁ ଯେମନ୍ତେ ବୋଲି ଦ୍ରୋଣ ଗୁରୁ କହିଗଲେ ମୋତେ
ଗୁରୁଙ୍କର ବଚନ ମୁଂ ଭାଙ୍ଗିବି କେମନ୍ତେ ।୫୯ ।
ଯେ ମୋହୋର ବେଳେ ଦେଇ ନ ପାରିବ ବିବଛ
ଯେ ତିନିନ୍ତ ଛାଡି ବାବୁ ଆନ ଜଣେ ବାଛ ।୬୦ ।
ଭୀମସେନ ବୋଇଲା ଯେ ତିନିହେଂ ନୋହିଲେ
ତୁମ୍ଭେ ତ ନ ଯିବ ମୁହିଂ ନ ଯିବି ତୁମ୍ଭର ବୋଲେ ।୬୧ ।
ସ୍ୱାମୀ କୋଇନ୍ତାଯେ ଅଛନ୍ତି ଯେ ବୃଦ୍ଧ ମହନ୍ତାରୀ
ପଣ୍ଡୁର ପ୍ରସାଦେ ଯେ ଅନେକ ଭୋଗ କରି ।୬୨ ।

ବନସ୍ତେ ସୁସ୍ତ ପାଇବା ଆମ୍ଭେ କାହିଂ
ଦଇବେ ବୟେସାଧିକ ୟେ ମରିବେ ବନେ ଦୁଖ ପାଇ ।୬୩ ।
ୟେହାଙ୍କର ଥାଉଂ ଆମ୍ଭର ଯିବାର କି ମିଳଇ ଉଚିତ
ପୁତ୍ର ଅଭାବେ ତାଙ୍କୁ ଦୁଖ ହୋଇବ ବହୁତ ।୬୪ ।
ୟେ ଚାଲି ନୁଆରିବେ ଯେ ଜଞ୍ଜାଳିବେ ଆମ୍ଭଙ୍କୁ
କୋଇନ୍ତାଙ୍କୁ ଦେବା କି ୟେ କୁମ୍ଭୀରୀ ଦଇତକୁ ।୬୫ ।
ଭୀମସେନ ବଚନେ ବିକଳ ହୋଇଲେ ଯୁଝେଷ୍ଠି
ଆମ୍ଭେ ଜାଣିଲୁ ଭୀମା ତୁ ବଡ ମୂର୍ଖ ହେଟି ।୬୬ ।
-------------------------------
୫୭ । ତ୍ରୈଲୋକ୍ୟ ଧଂସିବାକୁ ତୋହୋର ଅର୍ଜୁନ ଜନ୍ମ ହୋଇଲେ ।

୬୪ ।୨ { ୟେହାଙ୍କ ଥାଉ ଆମ୍ଭର ଯାଇ ନ ଯୋଗାଇ

{ ଆମ୍ଭେ ମଲେ ତିଳ ୟେ ପାଇବେ କାହିଂ ।
ବାବୁ ଗର୍ଭଧାରୀ ମାତା ଆମ୍ଭଙ୍କୁ ମୁଖରେ କ୍ଷୀର ଦିଲା
ଆତ୍ମାରୁ ଜାତ କରିଣ ଆମ୍ଭନ୍ତ ପାଳିଲା ।୬୭ ।
ତାହାର ବ୍ରତିଥିଲେ ସେ ଆମ୍ଭଙ୍କୁ ଅଛଇ ବହୁତ ଧର୍ମ
ତାହାକୁ କେହ୍ନେ ଦତ୍ୟକୁ ଦେଇ ଲୋଡୁ ରେ ଭୀମ ।୬୮ ।
ଭୀମସେନ ବୋଇଲା ଆମ୍ଭେ ସମସ୍ତେ ସୋଦର
ସମସ୍ତେ ଭାଇ ଆମ୍ଭେ ୟେକ ମାତା ପିଅର ।୬୯ ।
ଆମ୍ଭର ତହୁଂ ବାହାର ୟେ ଦେବ ଅଟଇ କଣ୍ଡେୟାର
ୟେହାକୁ ଦେଇ ଆମ୍ଭେ ହୋଇ ଯିବା ପାର ।୭୦ ।
ଭୀମସେନ ବଚନେ ଦେବ ହୋଇଲେ ବିରସ
ପୁଣ କ୍ଷଣକେ ସ୍ୱାମୀକି ମାଡିଲାକ ହସ ।୭୧ ।
ବାବୁ ଆମ୍ଭର ନିମନ୍ତେ ୟେ ଜଗିଥାଇ ନିଷାଦ
ନବ ବରଷ ହୋଇଲାନି ରାତ୍ରେ ନ ମାଡଇ ନିଦ ।୭୨-୭୭୧୧ ।

*************